dit with WPS Office

## **ସମୟ ସୀମା 24-07-2020 ରୁ 31.07.2020 ପର୍ଯ୍ୟନ୍ତ ବୃଦ୍ଧି**

"ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶ ଅନୁସାରେ ତା ୨୧.୦୭.୨୦୨୦ ଠାରୁ ୨୨.୦୭.୨୦୨୦ କୋରନା ଜନିତ ସଟ ଡାଉନ ଯୋଗୁଁ ସର୍ବସାଧାରଣଙ୍କଠାରୁ ଦୀର୍ଘ ମିଆଦି ଲୀଜ ନିମନ୍ତେ ସଇରାତ ଉତ୍ସ ଗୁଡିକର ପୂର୍ବରୁ ଦରଖାସ୍ତ ଗ୍ରହଣ ନିର୍ଧାରିତ କରାଯାଇଥିବା ସମୟ ସୀମା ତା-24.07.2020 କୁ 31.07.2020 ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି" । ଅର୍ଥାତ ତା: 31.07.2020 ରିଖ ଅପରାହ୍ନ ୧.୦୦ ଘଣ୍ଟିକା ସୁଦ୍ଧା ଜଉମୁଦ ଲଫାପାରେ ତହସିଲ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ (ସରକାରୀ ଛୁଟିଦିନ ବ୍ୟତୀତ) କିମ୍ବା ରେଜିଷ୍ଟ୍ରି ଡାକ/ସ୍ପିଡ ପୋଷ୍ଟ ଯୋଗେ ତହସିଲଦାର, ନବରଙ୍ଗପୁର, ଜିଲ୍ଲା: ନବରଙ୍ଗପୁରଙ୍କ ନିକଟକୁ ପ୍ରେରଣ କରିପାରିବେ । ପ୍ରଥମ ଦଫାରେ ପ୍ରାପ୍ତ ସମସ୍ତ ଦରଖାସ୍ତ ଓ ଦସ୍ତାବିଜ ଗୁଡିକ ଉକ୍ତଦିନ ତା: 31.07.2020 ରିଖ ଅପରାହ୍ନ 3.00 ଘଣ୍ଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଚୟନ କମିଟିଙ୍କ ଦ୍ୱାରା ଯାଞ୍ଚ କରାଯାଇ ଚୟନ ପ୍ରକିୟା ସମ୍ପାଦ କରାଯିବ । ଯଦି କୌଣସି ଉତ୍ସ ନିମନ୍ତେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବୈଧ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ ନିମନ୍ତେ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ସେହି ଉତ୍ସ ନିମନ୍ତେ ତା: 07.08.2020 ରିଖ ଅପରାହ୍ନ 1.00 ଘଣ୍ଟିକା ମଧ୍ୟରେ ଉପରୋକ୍ତ ପ୍ରକାରେ ଦରଖାସ୍ତ ଦାଖଲ କରିପାରିବେ । ଯଦି ଦ୍ୱିତୀୟ ଥର ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଉତ୍ସ ନିମନ୍ତେ କୌଣସି ବୈଧ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ ନିମନ୍ତେ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ସେହି ଉତ୍ସ ନିମନ୍ତେ ତୃତୀୟ ତଥା ଶେଷ ଥର ତା: 14.08.2020 ରିଖ ଅପରାହ୍ନ 1.00 ଘଣ୍ଟିକା ମଧ୍ୟରେ ଉପରୋକ୍ତ ପ୍ରକାରେ ଦରଖାସ୍ତ ଦାଖଲ କରିପାରିବେ । ସେଗୁଡିକ ଉପରୋକ୍ତ ଧର୍ଯ୍ୟଦିନ ଅପରାହ୍ନ 3.00 ଘଟିକାରେ ଉକ୍ତ ଦିନ ମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ନିଜେ କିମ୍ବା ତାଙ୍କଦ୍ୱାରା କ୍ଷମତା ପ୍ରାପ୍ତ ପ୍ରତିନିଧି ଉପସ୍ଥିତ ରହି ପାରନ୍ତି । ଧାର୍ଯ୍ୟ ତାରିଖ ଓ ସମୟରେ କେହି ଅନୁପସ୍ଥିତ ରହିଲେ ସେଥି ନିମନ୍ତେ ନିଲାମ ଚୟନ ପ୍ରକ୍ରିୟା ଅବ୍ୟହିତ ରହିବ । ଉକ୍ତ ଦିନ ଗୁଡିକରେ କୌଣସି କାରଣରୁ ନିଲାମ କାର୍ଯ୍ୟ ସମ୍ପର୍ଣ୍ଣ ହୋଇନପାରିଲେ ତାହାର ପରବର୍ତ୍ତୀ କାର୍ଯ୍ୟ ଦିବସରେ ନିର୍ଦ୍ଧାରିତ ସମୟରେ ନିଲାମ କାର୍ଯ୍ୟ ଅନୁଷ୍ଠିତ ହେବ । ଅନ୍ୟ ଦର୍ଶା ଯାଇଥିବା ନିୟମ ପୂର୍ବରୁ ପ୍ରକାଶ ପାଇଥିବା ଇସ୍ତାହାର ସଂଖ୍ୟା 1439, ତାରିଖ: ୬09.07.2020 ଅନୁସାରେ ବଳବତ୍ତର ରହିବ । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ ନବରଙ୍ଗପୁର ଙ୍କର ରହିଛି ।

୦୭/୦୭/୨୦୨୦

ତହସିଲଦାର, ନବରଙ୍ଗପୁର